بسم الله الرحمٰن الرحيم

**ଖୁତବା ଜୁମା ୧୦ ଜୁଲାଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ଗତ ଖୁତ୍‌ବାରେ ମୁଁ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କର ଚର୍ଚ୍ଚା କରିଥିଲି ଯେ, ଅହଜ଼ାବ୍ ଯୁଦ୍ଧ ପରେ ବନୁ କୁରୈଜ଼ାର ବିଶ୍ୱାସଘାତକତାର ଶାସ୍ତି ସଂପର୍କରେ ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ଐଶ୍ୱରିକ ଆଦେଶ ପ୍ରାପ୍ତ ହେଲା ସେତେବେଳେ ସେମାନଙ୍କ ସହିତ ଯୁଦ୍ଧ ହୋଇଥିଲା ଏବଂ ପୁନଶ୍ଚ ବନୁ କୁରୈଜ଼ା ଯୁଦ୍ଧ ବନ୍ଦ କରି ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଠାରୁ ନିଷ୍ପତ୍ତି ନେବା ପାଇଁ ସହମତି ପରିପ୍ରକାଶ କଲେ । ସୁତରାଂ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅ ନିଜର ବିଚାର ଶୁଣାଇଥିଲେ । ଉକ୍ତ ଯୁଦ୍ଧର ଚର୍ଚ୍ଚା କରି ଗୋଟିଏ ସ୍ଥାନରେ ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ,-

ଅହଜ଼ାବ୍ ଯୁଦ୍ଧ ଯୋଗୁଁ ଦୀର୍ଘ ୨୦ ଦିନ ପରେ ମୁସଲମାନମାନେ ଶାନ୍ତିରେ ନିଃଶ୍ୱାସ ନେଇଥିଲେ। କିନ୍ତୁ ବର୍ତ୍ତମାନ ବନୁ କୁରୈଜ଼ାର ବିଚାର ପ୍ରସଙ୍ଗ ନିର୍ଦ୍ଧାରିତ ହେବା ବାକି ଥିଲା । ସେମାନଙ୍କର ବିଶ୍ୱାସଘାତକତା ଏଭଳି ନଥିଲା ଯାହାକୁ ଅଣଦେଖା କରାଯାଇ ପାରିଥାଆନ୍ତା । ରସୁଲ୍ କରୀମ୍ ସ.ଅ ପ୍ରତ୍ୟାବର୍ତ୍ତନ କରିବା କ୍ଷଣି ନିଜ ସାହାବାମାନଙ୍କୁ କହିଦେଲେ ଯେ, ଘରେ ଆଉ ବିଶ୍ରାମ କର ନାହିଁ । ବରଂ ସନ୍ଧ୍ୟା ଆଗମନ ପୂର୍ବରୁ ହିଁ ବନୁ କୁରୈଜ଼ାର ଦୁର୍ଗ ନିକଟରେ ପହଞ୍ଚି ଯାଅ । ଇହୁଦୀମାନେ ଦୁର୍ଗର ମୁଖଦ୍ୱାର ବନ୍ଦ କରି ଦୁର୍ଗ ଭିତରେ ନିଜକୁ ବନ୍ଦ କରିଦେଲେ ଏବଂ ମୁସଲମାନମାନଙ୍କ ସହିତ ଯୁଦ୍ଧ ଆରମ୍ଭ କରିଦେଲେ । ଏପରିକି ଇହୁଦୀମାନଙ୍କର ମହିଳା ମଧ୍ୟ ଯୁଦ୍ଧରେ ସାମିଲ୍ ହୋଇଗଲେ । କିନ୍ତୁ କିଛିଦିନ ଦୁର୍ଗର ଘେରାଉ ପରେ ଇହୁଦୀମାନେ ଏହା ଅନୁଭବ କରିନେଲେ ଯେ, ସେମାନେ ଆଉ ଦୀର୍ଘ ସମୟ ଧରି ଲଢି ପାରିବେ ନାହିଁ । ତେବେ ସେମାନଙ୍କର ନେତାମାନେ ରସୁଲୁଲ୍ଲାଃ ସ.ଅଙ୍କ ଆଗରେ ଏହା ଆଗ୍ରହ ପ୍ରକାଶ କଲେ ଯେ, ସେମାନେ ଅବୁ ଲବାବା ଅନ୍‌ସାରୀ ଯିଏକି ସେମାନଙ୍କର ବନ୍ଧୁ ଏବଂ ଓସ୍ ସଂପ୍ରଦାୟର ଅଧିପତି, ତାଙ୍କ ନିକଟକୁ ପ୍ରେରଣ କଲେ ତାଙ୍କ ସହିତ ପରାମର୍ଶ କରିପାରିବେ । ଅତଏବ୍ ଆଁହଜ଼ରତ୍ ସ.ଅ ଅବୁ ଲବାବାଙ୍କୁ ପଠାଇ ଦେଲେ । ଇହୁଦୀମାନେ ତାଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, କ'ଣ ହୁଜୁର୍ ସ.ଅଙ୍କର ଏହି ଦାବି କି ନିଷ୍ପତ୍ତି ତାଙ୍କ ଉପରେ ନ୍ୟସ୍ତ କଲେ ସେ ଘେରାଉ ପ୍ରତ୍ୟାହାର କରିନେବେ, ରାଜି ହୋଇଯିବୁ ? ତୁମେ ଅସ୍ତ୍ରଶସ୍ତ୍ର ଫିଙ୍ଗିଦିଅ ଆମେମାନେ ମାନିନେବୁ ? ଅବୁ ଲବାବା କହିଲେ ହଁ । କିନ୍ତୁ ଏଥିସହ ନିଜ ଗଳାରେ ଏପରି

ହାତ ବୁଲାଇ ଆଣିଲେ ଯେପରି କାହାରିକୁ ହତ୍ୟା କରିବାର ଇଙ୍ଗିତ କରାଯାଏ । ରସୁଲୁଲ୍ଲାଃ ସ.ଅ ସେତେବେଳେ ପର୍ଯ୍ୟନ୍ତ ନିଜର ନିଷ୍ପତ୍ତି ପ୍ରକାଶ କରି ନଥିଲେ । କିନ୍ତୁ ଅବୁ ଲବାବା ନିଜ ମନରେ ଏହା ହୃଦୟଙ୍ଗମ କରି ଯେ, ସେମାନଙ୍କର ଅପରାଧର ଶାସ୍ତି ବଧ ବ୍ୟତୀତ ଅନ୍ୟ କ'ଣ ବା ହୋଇପାରେ ! ସେ କିଛି ନ ବୁଝି ଏବଂ ନ ବିଚାରି ଏପରି ଇଙ୍ଗିତ କରି ଦେଇଥିଲେ । ସେମାନଙ୍କର ଗୋଟିଏ କଥା ଯାହାକି ତାଙ୍କର ବିନାଶର କାରଣ ପାଲଟି ଥିଲା । ଏହିକି ଯେ, ଇହୁଦୀମାନେ ଏହା କହିଦେଲେ ଆମେମାନେ ମୁହମ୍ମଦ୍ ସ.ଅଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହୁଁ । ଯଦି ସେମାନେ ଆଁହଜରତ୍ ସ.ଅଙ୍କର କଥା ମାନି ନେଇ ଥାଆନ୍ତେ ତେବେ ବେଶୀରୁ ବେଶୀ ସେମାନଙ୍କୁ ଏହି ଶାସ୍ତି ମିଳି ଥାଆନ୍ତା ଯେ, ସେମାନଙ୍କୁ ମଦିନାରୁ ନିର୍ବାସିତ କରି ଦିଆଯାଇ ଥାଆନ୍ତା । କିନ୍ତୁ ତାହା ସେମାନଙ୍କର ଦୁର୍ଭାଗ୍ୟ ଥିଲା ଯେ, ସେମାନେ କହିଲେ ଯେ, ଆମେମାନେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହୁଁ । ବରଂ ଆମେମାନେ ନିଜର ମିତ୍ର ୱସ୍ ସଂପ୍ରଦାୟର ଅଧିପତି ସାଆଦ୍ ବିନ୍ ମୁଆଜ୍‌ଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବୁ । ସେ ଯାହା ବି ନିଷ୍ପତ୍ତି ଦେବେ ଆମେ ତାହାକୁ ଗ୍ରହଣ କରିବୁ । ରସୁଲ୍ କୀରମ ସ.ଅ ମଧ ସେମାନଙ୍କର ଦାବିକୁ ଗ୍ରହଣ କରିନେଲେ । ସାଆଦ୍ ର.ଅ ଇହୁଦୀମାନଙ୍କର ଦୁର୍ଗ ନିକଟରେ ପହଞ୍ଚିଲେ ଯେଉଁଠି ଗୋଟିଏ ପାର୍ଶ୍ୱରେ ବନୁ କୁରୈଜ଼ା ସଂପ୍ରଦାୟ ଦୁର୍ଗର କାନ୍ଥ ସହିତ ସଂଲଗ୍ନ ହୋଇ ଛିଡ଼ା ହୋଇ ସାଆଦ୍‌ଙ୍କୁ ଅପେକ୍ଷା କରିଥିଲେ ଏବଂ ଅନ୍ୟ ପଟରେ ମୁସଲମାନମାନେ ବସିଥିଲେ । ତେବେ ପ୍ରଥମେ ସାଆଦ୍ ନିଜ ଗୋଷ୍ଠୀକୁ ପଚାରିଲେ ଯେ, କ'ଣ ଆପଣମାନେ ଏଥିରେ ଏକମତ ଅଛନ୍ତି ଯେ, ମୁଁ ଯେଉଁ ନିଷ୍ପତ୍ତି ଦେବି ଆପଣମାନେ ତାହା ପାଳନ କରିବେ ? ସେମାନେ କହିଲେ ହଁ ! ପୁନଶ୍ଚ ସାଆଦ୍ ର.ଅ ବନୁ କୁରୈଜ଼ା ସଂପ୍ରଦାୟକୁ ସମ୍ବୋନ୍ଧନ କରି କହିଲେ ଯେ, ଆପଣମାନେ ମୋତେ ଏହି ପ୍ରତିଶୃତି ଦିଅନ୍ତୁ କି ମୁଁ ଯେଉଁ ନିଷ୍ପତ୍ତି ଦେବି ଆପଣମାନେ ତଦନୁରୂପ କାର୍ଯ୍ୟ କରିବେ ? ଏହାପରେ ସାଆଦ୍ ର.ଅ ଲଜ୍ଜାପୂର୍ବକ ଅନ୍ୟ ପାର୍ଶ୍ୱକୁ ଅନାଇ ନିଜର ଚକ୍ଷୁ ଦ୍ୱୟକୁ ତଳକୁ କିରନେଲେ ଯେଉଁ ଆଡ଼େ ଆଁହଜ଼ରତ୍ ସ.ଅ ବିରାଜମାନ ଥିଲେ । ସୁତରାଂ ସାଆଦ୍ ର.ଅ ଆଁହଜ଼ରତ୍ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ଯେଉଁ ନିଷ୍ପତ୍ତି ମୁଁ ନେବି ତାହାକୁ ଆପଣ ଗ୍ରହଣ କରିବେ କି ? ଆଁହଜ଼ରତ୍ ସ.ଅ ଉତ୍ତର ଦେଲେ ଅବଶ୍ୟ ! ଏହପରି ସାଆଦ୍ ର.ଅ ତିନି ପକ୍ଷଙ୍କ ଠାରୁ ପ୍ରତିଶୃତି ନେବା ପରେ ବାଇବେଲ୍‌ର ଆଦେଶାନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ ଯେ, ବାଇବେଲ୍‌ରେ ଉଲ୍ଲେଖ ରହିଛି ଯେ, ***"ଏବଂ ଯେତେବେଳେ ତୁମେ କୌଣସି ସହର ନିକଟବର୍ତ୍ତୀ ହୁଅ ତଥା ସହରବାସୀଙ୍କ ସହିତ ଯୁଦ୍ଧ ଲଢ଼ିବା ପୂର୍ବରୁ ସେମାନଙ୍କୁ ସର୍ବପ୍ରଥମେ ସନ୍ଧିର ବାର୍ତ୍ତା ଦିଅ । କାରଣ ଏତଦ୍ ଦ୍ୱାରା ଯଦି ସେମାନେ ସନ୍ଧି ମଞ୍ଜୁର କରିବାକୁ ରାଜି ହୋଇ ତୁମ ପାଇଁ ନିଜ ଦ୍ୱାରକୁ ଉନ୍ମୁକ୍ତ କରି ଦିଅନ୍ତି ତେବେ ସେ ପରିପ୍ରେକ୍ଷୀରେ ସମସ୍ତ ପ୍ରଜା ତୁମର ବଶ୍ୟତା ସ୍ୱୀକାର କରିବେ ଓ ତୁମ ଅଧୀନ ହୋଇଯିବେ ଏବଂ ସେମାନେ ତୁମର ସେବା କରିବେ । କିନ୍ତୁ ଯଦି ସେମାନେ ତୁମ ସହିତ ସନ୍ଧି ସ୍ଥାପନ ନକରି ତୁମ ସହିତ ଯୁଦ୍ଧ କରନ୍ତି ତେବେ ସେ ପରିପ୍ରେକ୍ଷୀରେ ତୁମେ ସେମାନଙ୍କୁ ଘେରାଉ କରିବ ଏବଂ***

*ଯେତେବେଳେ ପ୍ରଭୁ ସେମାନଙ୍କୁ ତୁମର ଅଧୀନସ୍ଥ କରିବେ ସେତେବେଳେ ତୁମେ ସେଠାକରା ପ୍ରତ୍ୟେକ ପୁରୁଷ ଅଧିବାସୀଙ୍କୁ ଖଡ଼୍ଗ ସାହାଯ୍ୟରେ ନିହତ କରିଦିଅ । କିନ୍ତୁ ମହିଳା, ପିଲାମାନଙ୍କୁ ଏବଂ ଗୃହପାଳିତ ଜୀବଜନ୍ତୁଙ୍କୁ ଓ ସେହି ସହରରେ ଯାହାକିଛି ବି ରହିଛି ତାହାକୁ ଭୂଲୁଣ୍ଠିତ କରି ନିଜ ପାଇଁ ସେବନ କରିପାର ।* "

ଉପରୋକ୍ତ ଶବ୍ଦ ହେଉଛି ବାଇବେଲ୍‌ର ଯାହାକୁ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅ ପଢିଥିଲେ ଏବଂ ତଦନୁଯାୟୀ ସେ ରାୟ ମଧ୍ୟ ଦେଇଥିଲେ । ସାଆଦ୍ ର.ଅ ଯିଏକି ବନୁ କ୍ରୁରୈଜ଼ା ସଂପ୍ରଦାୟର ମିତ୍ର ଥିଲେ ଏବଂ ସେମାନଙ୍କର ବନ୍ଧୁ ମଧ୍ୟରୁ ଜଣେ ଥିଲେ । ଯେତେବେଳେ ସେ ଏହା ଦେଖିଲେ ଯେ, ଇହୁଦୀମାନେ ଇସ୍‌ଲାମୀୟ ନିୟମାନୁଯାୟୀ ଯାହାକି ସେମାନଙ୍କ ଜୀବନ ରକ୍ଷକ ତାଲିମ୍ ଅଟେ । ତାହାର ଅବମାନନା କରି ହୁଜୁର୍ ସ.ଅଙ୍କ ନିଷ୍ପତ୍ତିକୁ ସ୍ୱୀକାର କଲେ ନାହିଁ । ସେତେବେଳେ ସେ ଏହି ରାୟ ଦେଇଥିଲେ ଯାହାକି ଇହୁଦୀମାନଙ୍କ ସଂପର୍କରେ ହଜ଼ରତ୍ ମୁସା ଅ.ସ ଇସ୍ତେସ୍‌ନା ଅଧ୍ୟାୟରେ ଏଭଳି ପରିସ୍ଥିତି ପାଇଁ ନିୟମ ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଉକ୍ତ ନିଷ୍ପତ୍ତିର ଉତ୍ତରଦାୟୀ ମୁହମ୍ମଦ୍ ସ.ଅ କିମ୍ବା ମୁସଲମାନମାନେ କଦାପି ସାବ୍ୟସ୍ତ ହୋଇପାରିବେ ନାହିଁ । ବରଂ ତାହା ତ' ସେମାନଙ୍କ ନିଜ ଧର୍ମଗ୍ରନ୍ଥାନୁଯାୟୀ ଥିଲା ଯାହାର ଦାୟିତ୍ୱ ହଜ଼ରତ୍ ମୁସା ଅ.ସଙ୍କ ଉପରେ ଏବଂ ତୌରାତ୍ ଉପରେ ଏବଂ ସେହି ଇହୁଦୀମାନଙ୍କ ଉପରେ ନ୍ୟସ୍ତ ଥିଲା ଯେଉଁମାନେ ଅଣଗୋଷ୍ଠୀମାନଙ୍କ ସହିତ ହଜ଼ାର ହଜ଼ାର ବର୍ଷ ଧରି ଏହିପରି ମାମଲା କରିଥିଲେ ଏବଂ ଯେଉଁମାନଙ୍କୁ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କ ଅପାର ଦୟାର ଛତ୍ରଛାୟା ଆଡ଼କୁ ଡ଼କାଗଲା ସେମାନେ ତାହାକୁ ପ୍ରତ୍ୟାଖ୍ୟାନ କଲେ ଏବଂ ସେମାନେ କହିଲେ ଯେ, ଆମେ ମହୁମ୍ମଦ୍ ସ.ଅଙ୍କର କଥା ମାନିବାକୁ ପ୍ରସ୍ତୁତ ନାହୁଁ ।

ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ଆଜି ଖ୍ରୀଷ୍ଟ ଜଗତ ଚିତ୍କାର କରୁଛି ଯେ, ମୁହମ୍ମଦ୍ ସ.ଅ ଅନ୍ୟାୟ ଓ ଅତ୍ୟାଚାର କରିଛନ୍ତି । ତେବେ ଖ୍ରୀଷ୍ଟିୟ ଲିପିକାର ଏହି କଥାକୁ ଦେଖି ପାରୁ ନାହାନ୍ତି ଯେ, ମୁହମ୍ମଦ୍ ସ.ଅ ଅନ୍ୟ ଅବସରରେ କାହିଁକି ଅନ୍ୟାୟ କଲେ ନାହିଁ ? ଅନ୍ୟ କୌଣସି ସ୍ଥାନରେ ତ' ଅତ୍ୟାଚାର ଦୃଶ୍ୟମାନ ହେଉ ନାହିଁ । ଶତାଧିକ ଥର ଶତ୍ରୁମାନେ ମୁହମ୍ମଦ୍ ସ.ଅଙ୍କ ଦୟା ଉପରେ ନିଜକୁ ଛାଡ଼ିଥିଲେ ଏବଂ ପ୍ରତ୍ୟେକ ଥର ମୁହମ୍ମଦ୍ ସ.ଅ ସେମାନଙ୍କୁ କ୍ଷମା କରି ଦେଇଥିଲେ । କିନ୍ତୁ ଏହା ହେଉଛି ଏକମାତ୍ର ଅବସର ଯେତେବେଳେ ଶତ୍ରୁମାନେ ଏହା ଆଗ୍ରହ ପ୍ରକାଶ କଲେ ଯେ, ଆମେ ମୁହମ୍ମଦ୍ ସ.ଅଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବୁ ନାହିଁ ।

ଉକ୍ତ ଘଟଣା ସଂପର୍କରେ ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଅଧିକନ୍ତୁ ବର୍ଣ୍ଣନା କରିଛନ୍ତି । ସେ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କର ନିଷ୍ପତ୍ତି ଶୁଣିଲେ ସେତେବେଳେ ମୁକ୍ତ ସ୍ୱରରେ କହିଲେ କି ଏହି ନିଷ୍ପତ୍ତିଟି ହେଉଛି ଅଲ୍ଲାଃତାଲାଙ୍କ ନିର୍ଦ୍ଧାରିତ । ଯାହା ଅପସାରିତ ହେବ ନାହିଁ । ସୁତରାଂ ସେ ସାଆଦ୍ ର.ଅଙ୍କୁ କହିଲେ ଯେ: قَدْ حَكَمْتَ بِحُكْمِ

ﷺ। ଅର୍ଥାତ୍ ହେ ସାଆଦ୍ ! ତୁମର ଏହି ନିଷ୍ପତ୍ତି ତ' ବିଧାତାଙ୍କର ଧାର୍ଯ୍ୟ ଓ ଅଟଳ ଲିଖନୀ ଜଣାପଡୁଛି, ଯାହାକୁ ବଦଳିବାର ସାମର୍ଥ୍ୟ କାହା ପାଖରେ ନାହିଁ । ସମ୍ଭବତଃ ଏହି ଅବସରରେ ଆଁହଜ଼ରତ୍ ସ.ଅ ଏହି ଉତ୍କଣ୍ଠିତପୂର୍ଣ୍ଣ ଶବ୍ଦ କହିଥିଲେ ଯେ, **"ଇହୁଦୀମାନଙ୍କ ମଧ୍ୟରୁ ମୋ ଉପରେ ଯଦି ୧୦ ଜଣ ପ୍ରଭାବଶାଳୀ ବ୍ୟକ୍ତି ବିଶ୍ୱାସ ଆଣି ଥାଆନ୍ତେ ତେବେ ମୁଁ ଏହା ଆଶା କରିଥାଆନ୍ତି ଯେ, ଏହି ସମଗ୍ର ଜାତି ମୋତେ ସ୍ୱୀକାର କରିନେଇ ଥାଆନ୍ତେ ଏବଂ ଅଲ୍ଲାଃତାଲାଙ୍କ କୋପ ତଥା ଶାସ୍ତିରୁ ବର୍ତ୍ତି ଯାଇପାରି ଥାଆନ୍ତେ ।"**

ବନୁ କୁରୈଜ଼ାର ଘଟଣା ସଂପର୍କରେ କେତେକ ଅଣମୁସ୍‌ଲିମ୍ ଐତିହାସବିତ୍‌ମାନେ ଅତ୍ୟନ୍ତ ଅପ୍ରାସଙ୍ଗିକ ଉପାୟରେ ଆଁହଜ଼ରତ୍ ସ.ଅଙ୍କ ବିରୁଦ୍ଧରେ ଆପତ୍ତି କରନ୍ତି ଏବଂ ଆଁହଜ଼ରତ୍ ସ.ଅଙ୍କୁ ନାଉଜୁବିଲ୍ଲାଃ ଅତ୍ୟାଚାରୀ ଏବଂ କ୍ରୁର ଓ ରକ୍ତପାତି ରୂପେ ଉପସ୍ଥାପିତ କରାଯାଇଥାଏ । ଉକ୍ତ ଆପତ୍ତିର ଉତ୍ତରରେ ହଜ଼ରତ୍ ମିର୍ଜ଼ା ବଶୀର ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, **ପ୍ରଥମତଃ** ଏହା ମନେ ରଖିବା ଉଚିତ୍ ଯେ, ବନୁ କୁରୈଜ଼ା ସପକ୍ଷରେ ଆଁହଜ଼ରତ୍ ସ.ଅଙ୍କର ଯେଉଁ ନିଷ୍ପତ୍ତିକୁ କ୍ରୁରତାମୂଳକ ବୋଲି କୁହାଯାଏ, ତାହା ସାଆଦ୍ ବିନ୍ ମୁଆଜ୍ ର.ଅଙ୍କର ଥିଲା । ଆଁହଜ଼ରତ୍ ସ.ଅଙ୍କର ରାୟ କଦାପି ନଥିଲା । **ଦ୍ୱିତୀୟତଃ** ଉକ୍ତ ନିଷ୍ପତ୍ତିଟି ଉକ୍ତ ପରିସ୍ଥିତି ଅନୁକୂଳ କଦାପି ଭୁଲ୍ ଏବଂ କ୍ରୁରତାମୂଳକ ନଥିଲା । **ତୃତୀୟତଃ** ଏହା ଯେ, ସେହି ଶପଥ ଯୋଗୁଁ ଯାହାକି ସାଆଦ୍ ନିଷ୍ପତ୍ତି ଦେବା ପୂର୍ବରୁ ଆଁହଜ଼ରତ୍ ସ.ଅଙ୍କ ଠାରୁ ନେଇ ସାରିଥିଲେ, ହୁଜ଼ୁର୍ ସ.ଅ ତାହାର ପାଳନ କରିବା ପାଇଁ  ବିବଶ ଥିଲେ । **ଚତୁର୍ଥତଃ** ଏହା ଯେ, ଅଭିଯୁକ୍ତମାନେ ସ୍ୱୟଂ ଏହା ସ୍ୱୀକାର କରିଥିଲେ ଏବଂ ଏହା ଉପରେ ଆପତ୍ତି କଲେ ନାହିଁ ଏବଂ ତାହାକୁ ନିଜର କପାଳ ଲିଖନ ବୋଲି ମନେକରି ଗ୍ରହଣ କରି ନେଇଥିଲେ । ଅର୍ଥାତ୍ ଯେପର୍ଯ୍ୟନ୍ତ ସେହି ଲୋକମାନଙ୍କୁ ଉକ୍ତ ଦଣ୍ଡରେ ଦଣ୍ଡିତ କରାଯାଇ ନାହିଁ ଏବଂ ସେମାନେ କାରାବାସରେ ରହିଛନ୍ତି ସେପର୍ଯ୍ୟନ୍ତ ଆଁହଜ଼ରତ୍ ସ.ଅ ସେମାନଙ୍କର ଭରଣ ପୋଷଣର ଦାୟିତ୍ୱ ନିର୍ବାହ କରିବାରେ ଅତି ଉତ୍ତମ ଓ ସୁବ୍ୟବସ୍ଥା କରିଥିଲେ ଏବଂ ଯେତେବେଳେ ସେମାନଙ୍କ ଉପରେ ସାଆଦଙ୍କ ବିଚାର କାର୍ଯ୍ୟକାରୀ ହେବାକୁ ଲାଗିଲା ସେତେବେଳେ ଆଁହଜ଼ରତ୍ ସ.ଅ ଉକ୍ତ ରାୟକୁ ଏଭଳି ଭାବରେ ପ୍ରଣୟନ କଲେ ଯେ, ତାହା ଅଭିଯୁକ୍ତମାନଙ୍କ ପାଇଁ ସର୍ବନିମ୍ନ ଯନ୍ତ୍ରଣା ଥିଲା । ଅର୍ଥାତ୍ ପ୍ରଥମତଃ ଆପଣ ସ.ଅ ସେମାନଙ୍କର ଆବେଗକୁ ଧ୍ୟାନରେ ରଖି ଏହି ଆଦେଶ ଦେଲେ ଯେ, ଜଣେ ଅଭିଯୁକ୍ତର ବଧ ବେଳେ ଅନ୍ୟ ଅଭିଯୁକ୍ତ ସେଠାରେ ଉପସ୍ଥିତ ରହିବ ନାହିଁ । ଏହା ବ୍ୟତୀତ ଯେଉଁ ବ୍ୟକ୍ତି ପାଇଁ ବି ହୁଜ଼ୁର୍ ସ.ଅଙ୍କ ନିକଟରେ କ୍ଷମାର ଅପିଲ୍ ଆଗତ ହେଲା ସେତେବେଳେ ହୁଜ଼ୁର୍ ସ.ଅ ତାକୁ ସଙ୍ଗେସଙ୍ଗେ ସ୍ୱୀକାର କରିନେଲେ ଏବଂ ନା କେବଳ ସେମାନଙ୍କୁ କ୍ଷମା ଦେଇଥିଲେ । ବରଂ ସେମାନଙ୍କର ସ୍ତ୍ରୀ ଓ ପିଲାଛୁଆ ଏବଂ ଧନସମ୍ପତ୍ତି ସଂପର୍କରେ ମଧ୍ୟ ଏହି ଆଦେଶ ଦେଲେ ଯେ, ସେମାନଙ୍କୁ ସେମାନଙ୍କର ଧନସମ୍ପତ୍ତି ସ୍ତ୍ରୀ ପିଲା ଫେରସ୍ତ କରି ଦିଆଯାଉ । ସୁତରାଂ ଜଣେ ଅଭିଯୁକ୍ତ ପ୍ରତି ଏହାଠୁ ଅଧିକ ଅପାର ଦୟା ଓ ନମ୍ର ଆଚରଣ ଆଉ ବା କ'ଣ ହୋଇପାରେ ? ଅତଏବ୍ ବନୁ କୁରୈଜ଼ାର ଘଟଣା ସଂକ୍ରାନ୍ତରେ କେବଳ

ଆଁହଜ଼ରତ୍ ସ.ଅଙ୍କ ଉପରେ କଦାପି କୌଣସି ଆପତ୍ତି ପ୍ରମାଣିତ ହୋଇପାରିବ ନାହିଁ । ବରଂ ସତ୍ୟ ଏହା ଯେ, ଉକ୍ତ ଘଟଣା ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ଶିଷ୍ଟାଚାର ତଥା ସୁବ୍ୟବସ୍ଥା ଓ ଆଁହଜ଼ରତ୍ ସ.ଅଙ୍କ ସ୍ୱଭାବୀୟ ଦୟା ଏବଂ କରୁଣା ଏକ ଜ୍ୱଳନ୍ତ ଉଦାହରଣ । ମାର୍ଗୋଲିସ୍ ଭଳି ଜଣେ ଐତିହାସବିତ୍ ଯିଏକି କଦାପି ଇସ୍‌ଲାମ୍‌ର ବନ୍ଧୁ ନୁହେଁ, ସେହି ଅବସରରେ ଏହା ସ୍ୱୀକାର କରିବାକୁ ବାଧ୍ୟ ହେଲା ଯେ, ସାଆଦଙ୍କର ବିଚାର ପରିସ୍ଥିତିର ବିବଶତା ଯୋଗୁଁ ଉପଯୁକ୍ତ ଥିଲା ଏବଂ ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା ।

ହୁଜ଼ୁର୍ ଅନଓ୍ୱର୍ ଅ.ବ କହିଲେ: ଆଉ ଏକ କଥା ମନେ ରଖିବା ଉଚିତ୍ ଯେ, ପ୍ରାରମ୍ଭିକ ପର୍ଯ୍ୟାୟରେ ଆଁହଜ଼ରତ୍ ସ.ଅ ଓ  ଇହୁଦୀମାନଙ୍କ ସହିତ ଯେଉଁ ଚୁକ୍ତି ହୋଇଥିଲା ସେହି ସର୍ତ୍ତାବଳୀ ମଧ୍ୟରୁ ଗୋଟିଏ ସର୍ତ୍ତ ଏହା ମଧ୍ୟ ଥିଲା ଯେ, ଇହୁଦୀମାନଙ୍କ ସଂକ୍ରାନ୍ତରେ ଯଦି କୌଣସି କଥା ଶୁଦ୍ଧି ଯୋଗ୍ୟ ତଥା ନିର୍ଣ୍ଣାୟକ ହେବ ତେବେ ତାହାର ନିଷ୍ପତ୍ତି **ଶରିୟତ୍** ଅନୁଯାୟୀ ଦିଆଯିବ । ଅର୍ଥାତ୍ ଇହୁଦୀ ମାନଙ୍କର ଶରିୟତ୍ ଅନୁଯାୟୀ । ସୁତରାଂ ଇତିହାସରୁ ଜଣାପଡ଼େ ଯେ, ସେହି ଚୁକ୍ତି ଅନୁଯାୟୀ ଆଁହଜ଼ରତ୍ ସ.ଅ ସର୍ବଦା ଇହୁଦୀମାନଙ୍କ ସଂକ୍ରାନ୍ତରେ ମୁସା ଅ.ସଙ୍କ ଶରିୟତ୍ ଅନୁଯାୟୀ ବିଚାର କରୁଥିଲେ ।

ସେ ଯାହା ହେଉ ନା କାହିଁକି ବନୁ କୁରେଜ଼ା ବିଷୟରେ ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କ ସଂପର୍କିତ ଯେତିକି ବିବରଣୀର ଆବଶ୍ୟକ ଥିଲା, ତାହା ଏଠାରେ ଆଲୋଚନା ହୋଇଗଲା । ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ର.ଅଙ୍କ ସଂପର୍କିତ ଅବିଶିଷ୍ଟାଂଶ କଥା ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ଏହାର ବିସ୍ତୃତ ବିବରଣୀ ମୁଁ ଆଲୋଚନା କରିବି ।

ଖୁତ୍‌ବା ଜୁମାର ଶେଷ ପର୍ଯ୍ୟାୟରେ ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ସେମାନେ ହେଉଛନ୍ତି ସ୍ୱର୍ଗତା ହାଜିୟା ରୁକ଼ିୟା ଖାଲିଦ୍ ସାହେବା, ମହୋଦୟା ସ୍ୱର୍ଗତା ସଫିୟା ବେଗମ୍ ସାହେବା, ସ୍ୱର୍ଗତ ଶ୍ରୀମାନ୍ ଅଲୀ ଅହମଦ୍ ସାହେବ୍, ମହୋଦୟା ରଫିକ଼ା ବିବି ସାହାବାଙ୍କର ସୁଗୁଣାବଳୀର ଚର୍ଚ୍ଚା କଲେ । ଏମାନଙ୍କ ସହିତ ହୁଜ଼ୁର୍ ଅନଓ୍ୱର୍ ଅ.ବ ସେହି ମୃତକମାନଙ୍କୁ ମଧ୍ୟ ନମାଜ଼୍ ଜନାଯାଃ ଗାଏବ୍ ପାଠରେ ସାମିଲ୍ କଲେ, ଯେଉଁମାନଙ୍କ ଜନାଯାଃ ଲକ୍ ଡ଼ାଉନ୍ ଯୋଗୁଁ ପାଠ କରାଯାଇ ପାରି ନଥିଲା । ଇନ୍‌ଶାଅଲ୍ଲାଃ ନମାଜ଼୍ ଜୁମା ପରେ ସେମାନଙ୍କର ନମାଜ଼୍ ଜନାଯାଃ ଗାଏବ୍ ପଢେଇବି ।

......................................

KHULASA KHUTBA JUMA HUZOOR ANWAR a.b.a

10th July 2020

.........................